# ନୀରବ କଳାପତାକା ଅଭିଯାନ ଜନବିପ୍ଳବ କ୍ଷେତ୍ରରେ ଏକ ଅନନ୍ୟ ପରୀକ୍ଷଣ

***ଭାଷା ଆନ୍ଦୋଳନର ପ୍ରାମାଣିକ ଗ୍ରନ୍ଥ ଉନ୍ମୋଚନ ଅବସରରେ ଓଡ଼ିଶା ଜାତୀୟ ସଂଗୀତର ପୁନର୍ବିନ୍ୟାସ କାମନା***

**(ଭିତ୍ତି ସମ୍ବାଦ : ତୁଷାରକାନ୍ତ ଶତପଥୀ)**

ଓଡ଼ିଆରେ ଓଡ଼ିଶାର ସମସ୍ତ ଦପ୍ତରଗୁଡ଼ିକର କାର୍ଯ୍ୟ ସଂପାଦନପାଇଁ ଭାଷା ଆନ୍ଦୋଳନ, ଓଡ଼ିଶା ଗତ ୧୩ . ୪ .୨୦୧୬ରୁ ଯେଉଁ ଯୁଗନ୍ତକାରୀ କଳାପତାକା ଅଭିଯାନ ଚଳାଇଛି ତାହା ସହ ଜନଗଣଙ୍କ ସଂପର୍କ ଓ ଓଡ଼ିଆ ଗଣମାଧ୍ୟମଗୁଡ଼ିକର ସହଯୋଗର ଏକ ସଚିତ୍ର ଗ୍ରନ୍ଥାୟନ ପ୍ରକାଶ କରିଛି ଭୁବନେଶ୍ୱରର ଶବ୍ଦସ୍ପର୍ଶ , ଯହିଁର ଔପଚାରିକ ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି ନଭେମ୍ବର ୩୦ ତାରିଖରେ ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ ସଭାକକ୍ଷରେ । ଗ୍ରନ୍ଥଟିର ନାମ – ଭାଷା ପାଇଁ ଗଣ ଓ ଗଣମାଧ୍ୟମ ।

ଭାଷା ଆନ୍ଦୋଳନର ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଗ୍ରନ୍ଥଟିକୁ ଲୋକାର୍ପିତ କରିଥିଲେ ଓଡ଼ିଆ ଭାଷାର ପ୍ରଭାବଶାଳୀ ଓ ବହୁ ସଂସ୍କରଣସଂପନ୍ନ 'ସମ୍ବାଦ'ର ସଂପାଦକ ସୌମ୍ୟ ରଞ୍ଜନ ପଟ୍ଟନାୟକ । ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ସାଂପ୍ରତିକ ଓଡ଼ିଶାର ରାଜନୀତିକ ସମୀକ୍ଷାର ଅନ୍ୟତମ ବଳିଷ୍ଠ ସ୍ତମ୍ଭକାର ମହା ମେଘବାହନ ଐର ଖାରବେଳ ସ୍ୱାଇଁ, ପଦ୍ମଶ୍ରୀ ବିମଣ୍ଡିତ ପ୍ରସିଦ୍ଧ ସଂଗୀତଜ୍ଞ ପ୍ରଫୁଲ୍ଲ କର , ଇ.ପି.ଏ. ସଂପାଦକ ଅନୀଲ ପ୍ରସାଦ ମିଶ୍ର ଓ ଭାଷା ପାଇଁ ୨୨୧୫ରେ ଆମରଣ ଅନଶନ କରି ଜନଜାଗୃତିର ମୂଳଦୁଆ ପକାଇଥିବା କବି ଗଡାନନ ମିଶ୍ର ।

*ବନ୍ଦେ ଉତ୍କଳ ଜନନୀ* ଗାନ କରାଗଲାପରେ, ଭାଷା ଆନ୍ଦୋଳନର ପ୍ରତିଷ୍ଠାତା ସଦସ୍ୟ ସ୍ତମ୍ଭକାର ତୁଷାରକାନ୍ତ ଶତପଥୀଙ୍କ ତତ୍ତ୍ୱାବଧାନ ତଥା ଦୈନିକ ପ୍ରମେୟର ସଂପାଦକ ଗୋପାଳକୃଷ୍ଣ ମହାପାତ୍ର ଓ ସଂକଳକ ସାଗର ଶତପଥୀଙ୍କ ଉପସ୍ଥିତିରେ ଏହି ଐତିହାସିକ ଗ୍ରନ୍ଥ ଲୋକାର୍ପିତ ହୋଇଥିଲା ।

ଭାଷା ଆନ୍ଦୋଳନ ସଭାପତି ପ୍ରଦ୍ୟୁମ୍ନ ଶତପଥୀ ପ୍ରାରମ୍ଭିକ ଭାଷଣ ଦେଇ ପ୍ରମୁଖ କଳାପତାକାଧାରୀମାନଙ୍କର ଏକ ବର୍ଣ୍ଣାଢ୍ୟ ବର୍ଣ୍ଣନା ରଖିଥିଲେ ଓ ଓଡ଼ିଆ ଭାଷା ପାଇଁ ପରାଙ୍ମୁଖ ସରକାର ନିଜକୁ ସୁଧାରିନିଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ ।

ସମ୍ମାନିତ ଅତିଥି ଶ୍ରୀ ଖାରବେଳ ସ୍ୱାଇଁ ଏହି ଅବସରରେ କେତେକ ପ୍ରାସଙ୍ଗିକ ପ୍ରସ୍ତାବ ଦେଇଥିଲେ । ସେଗୁଡ଼ିକ: (୧) ଓଡ଼ିଶାର ଜାତୀୟ ସଂଗୀତ ଭାବେ ଉପସ୍ଥାପିତ ହେଉଥିବା *ବନ୍ଦେ ଉତ୍କଳ ଜନନୀ* ଗୀତର ସଂକ୍ଷିପ୍ତିକରଣ କରାଯାଇ ଜନଗଣମନ ପରି କମ ସମୟସାପେକ୍ଷ ଶୈଳୀରେ ତହିଁର ପରିବେଷଣ ହେଉ । (୨) ବିଧାନସଭା ଏକ ଭାଷା କମିଟି ଗଠନ କରି ଓଡ଼ିଆରେ ଶାସନ ସୁନିଶ୍ଚିତ କରୁ, (୩) ସାଧାରଣ ଲୋକେ ସଠିକ ଓଡ଼ିଆ କହୁଥିବାବେଳେ ଶିକ୍ଷିତ ଓଡ଼ିଆଏ ଯେପରି ହିନ୍ଦୀଇଂରାଜୀମିଶା କଥା କହି ଓଡ଼ିଆଭାଷାର ବିକୃତିକରଣ ଘଟାଉଛନ୍ତି ତାହାର ପ୍ରତିବାଦ କରାଯାଉ । ଏହାଛଡ଼ା, ଇଂରାଜୀ କବଳରୁ ନିସ୍ତାରପାଇଁ ଆନ୍ଦୋଳନ ହେଉଥିବାବେଳେ ହିନ୍ଦୀ ଭାଷା ଯେପରି ଓଡ଼ିଆ ଭାଷା ପାଇଁ ଏକ ନୂଆ ବିପତ୍ତି ହୋଇ ଉଭା ହେଲାଣି, ଓଡ଼ିଆ ଗଣମାଧ୍ୟମ ତହିଁର ପ୍ରତିକାର ପାଇଁ ଉପାୟ ଖୋଜୁ ବୋଲି ସେ କହିଥିଲେ ।

ମୁଖ୍ୟ ଅତିଥି ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ ମଧ୍ୟ *ବନ୍ଦେ ଉତ୍କଳ ଜନନୀ*ର ସଂକ୍ଷିପ୍ତିକରଣ ଓ ମାନନିର୍ଦ୍ଧାରଣ ପାଇଁ ଭାଷା ଆନ୍ଦୋଳନ ସଂଗଠନ ପଦକ୍ଷେପ ନେବା ଉଚିତ ବୋଲି ମତ ଦେଇଥିଲେ । ଉନ୍ମୋଚିତ ପୁସ୍ତକଟି ଓଡ଼ିଶାର ସବୁଠୁ ଅଧିକ କ୍ରିୟାଶୀଳ ଭାଷା ଆନ୍ଦୋଳନର ଏକ ମହାର୍ଘ ପ୍ରାମାଣିକ ଗ୍ରନ୍ଥାୟନ ଓ ସେହେତୁ ଓଡ଼ିଶାର ଚଳନ୍ତି ଇତିହାସ ପାଇଁ ଏକ ଅନନ୍ୟ ଅବଦାନ ବୋଲି ମତ ଦେଇ ସେ କହିଥିଲେ , ଭାଷା ଆଇନ ଉଲ୍ଲଂଘନ ବିରୁଦ୍ଧରେ ଦଣ୍ଡବିଧାନ ବ୍ୟବସ୍ଥା ନ ରହିଲେ, ଭାଷା ଆନ୍ଦୋଳନ ପ୍ରଭାବରେ ସରକାର କରିଥିବା ଆଇନ ସଂଶୋଧନ ବ୍ୟର୍ଥ ହୋଇଯିବ । ଅନ୍ୟ ଯେଉଁମାନେ ଭାଷା ପାଇଁ ଲୁହ ଗଡ଼ାଉଛନ୍ତି ସେମାନେ ଏହି ସରଳ କଥାଟି କାହିଁକି ବୁଝିପାରୁନାହାନ୍ତି ତାହା ହିଁ ଆଶ୍ଚର୍ଯ୍ୟ । **ଲୋଭ** (ଭାଷା ମାଧ୍ୟମରେ କର୍ମସଂସ୍ଥାନ

ସୁଯୋଗ) ଓ **ଭୟ** ( ଦପ୍ତରରେ ଓଡ଼ିଆରେ କାମ ନ କଲେ ଦଣ୍ଡ)– ଏହି ଉଭୟ ମାଧ୍ୟମ ହିଁ ଓଡ଼ିଆରେ ଓଡ଼ିଶାର ଶାସନପାଇଁ ଅପରିହାର୍ଯ୍ୟ ବୋଲି ସେ କହିଥିଲେ । ଓଡ଼ିଆ ଗଣମାଧ୍ୟମଗୁଡ଼ିକ ଏଥିପାଇଁ ସଂପୂର୍ଣ୍ଣତଃ ଏକଜୁଟ ନ ହେଲେ ଓ ଭାଷା ନାହିଁ ତ ଭୋଟ ନାହିଁ – ଏପରି ଏକ ସଚେତନତା ସୃଷ୍ଟିପାଇଁ ପ୍ରଚେଷ୍ଟା ନ କଲେ, ଗଣମାଧ୍ୟମ ବୁଡ଼ିବ ବୋଲି ସେ ଚେତାବନୀ ଦେଇଥିଲେ ।

ପଦ୍ମଶ୍ରୀ ପ୍ରଫୁଲ୍ଲ କର ମଧ୍ୟ *ବନ୍ଦେ ଉତ୍କଳ ଜନନୀ* ତହିଁର ଉପସ୍ଥିତ କଳେବରରେ ଗ୍ରାହ୍ୟ ନୁହଁ ବୋଲି କହିଥିଲେ । ବିକୃତ ଶୈଳୀରେ ଶବ୍ଦୋଚ୍ଚାରଣ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ଜାତିର ମାତୃଭାଷାର ମହିମା କ୍ଷୁର୍ଣ୍ଣ ନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ ।

ସ୍ୱାଧୀନତା ସଂଗ୍ରାମରେ ଦାଣ୍ଡିଯାତ୍ରା ପରି ଭାଷା ଆନ୍ଦୋଳନ ଓଡ଼ିଆର ଏହି ମୁକ୍ତି ଆନ୍ଦୋଳନରେ ଏକ ଫଳପ୍ରସୂ ପଦକ୍ଷେପ ବୋଲି କହିଥିଲେ ଇ.ପି.ଏ ସଂପାଦକ ଅନୀଲ ପ୍ରସାଦ ମିଶ୍ର । ପ୍ରଚୀନ ଓଡ଼ିଆ ନିର୍ଣ୍ଣୟ – ଧୀର ପାଣି ପଥର କାଟେ – ଏ କ୍ଷେତ୍ରରେ ସୁନିଶ୍ଚିତ ସତ୍ୟ ପ୍ରମାଣିତ ହେବ ବୋଲି ଦୃଢ଼ ମତ ବ୍ୟକ୍ତ କରି, ଆନ୍ଦୋଳନକାରୀମାନଙ୍କୁ ସେ ସାଧୁବାଦ ଜଣାଇଥିଲେ ଓ ଶେଷ ପର୍ଯ୍ୟନ୍ତ ଭାଷା ଆନ୍ଦୋଳନ ପ୍ରତି ସମର୍ଥନ ଅକ୍ଷୁର୍ଣ୍ଣ ରହିବେ ବୋଲି ଘୋଷଣା କରିଥିଲେ ।।

ଲୋକାର୍ପଣ ଉତ୍ସବରେ ଯୋଗ ଦେଇଥିବା ସ୍ୱନାମଧନ୍ୟ ସାହିତ୍ୟିକ ଓ ସାମ୍ବାଦିକ ଅସିତ ମହାନ୍ତି, ଲେଖକ ଓ ସ୍ତମ୍ଭକାର ଗୋବିନ୍ଦ ଭୂୟାଁ ଓ ସାମ୍ବାଦିକତାର ଛାତ୍ର ଦେବାଶୀଷ ରାଉତ ଏହି ସଂପୂର୍ଣ୍ଣ ସ୍ୱାର୍ଥରହିତ ଆନ୍ଦୋଳନର ଦାବି ମାନି ଓଡ଼ିଆ ଭାଷାରେ ଦପ୍ତର କାମ ନ କରୁଥିବା ବ୍ୟକ୍ତିଙ୍କୁ ଦଣ୍ଡବିଧାନ ପାଇଁ ଆଇନ ସଂଶୋଧନ ଅବିଳମ୍ବେ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ ।

ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ପଟ୍ଟନାୟକ ଭାଷା ଆନ୍ଦୋଳନର ଏକ ତାତ୍ତ୍ୱିକ ବିଶ୍ଳେଷଣ ରଖି ନୀରବ କଳାପତାକା ଅଭିଯାନ ଜନବିପ୍ଳବ କ୍ଷେତ୍ରରେ ଏକ ଅନନ୍ୟ ପରୀକ୍ଷଣ ବୋଲି ଦର୍ଶାଇଥିଲେ । ମାହାତ୍ମା ଗାନ୍ଧି, ମଣ୍ଡେଲା ଓ ମାର୍ଟିନ ଲୁଥର କିଙ୍ଗଙ୍କ ପଦ୍ଧତିର ନିଷ୍କର୍ଷ ନିରୂପଣ କରି ତହିଁରେ ଓଡ଼ିଶା ପ୍ରେକ୍ଷାପଟରେ ଆବଶ୍ୟକୀୟ ସଂଶୋଧନ ଦ୍ୱାରା ଏହି ଆନ୍ଦୋଳନର ଖସଡ଼ା ତିଆରି ହୋଇଛି ବୋଲି ସେ କହିଥିଲେ । ପୂର୍ବୋକ୍ତ ପଦ୍ଧତି ଲୋକସମୁଦାୟଙ୍କ ସହ ସରବ ଆନ୍ଦୋଳନର ପଦ୍ଧତି ହୋଇଥିବା ବେଳେ ତାଙ୍କ ପଦ୍ଧତି ଲୋକସମୁଦାୟଙ୍କ ପାଇଁ ନୀରବ ଆନ୍ଦୋଳନର ଏକ ସକ୍ରିୟ ପଦ୍ଧତି ବୋଲି ସେ କହିଥିଲେ । ଏହାର ଅନନ୍ୟତା ଏକାନ୍ତ ଜାତିପ୍ରାଣ ଚାରିଜଣ ପ୍ରତିବଦ୍ଧ ମହାନୁଭବ ସର୍ବଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, ତୁଷାରକାନ୍ତ ଶତପଥୀ, ପବିତ୍ର ମୋହନ ମହାରଥା ଓ ସାଗର ଶତପଥୀଙ୍କ ବିଜ୍ଞତାବଳରେ ସମୃଦ୍ଧ ଓ ଶାଣୀତ ହେଇଛି ବୋଲି ଉଲ୍ଲେଖ କରି ସେ ସରକାରଙ୍କୁ ଚେତାଇଦେଇଥିଲେ କି, ଓଡ଼ିଆ ଜାତି ତାର ମାତୃଭାଷା ପାଇଁ ଗଢ଼ିଥିଲା ଓଡ଼ିଶା ପ୍ରଦେଶ । ସୁତରାଂ ଓଡ଼ିଆରେ ଏହାର ଶାସନ ଅପରିହାର୍ଯ୍ୟ ।

ଭାଷା ଆନ୍ଦୋଳନର ଆବାହକ ପବିତ୍ର ମୋହନ ମହାରଥା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରଥିବାବେଳେ ଶବ୍ଦସ୍ୱର୍ଣ୍ଣ ସଂପାଦକ ଶରଣାରବିନ୍ଦ ଉତ୍ସବ ପରିଚାଳନା କରିଥିଲେ ।